

### ସଦାବିହାରୀ (Sada Bihari) *Centharantus roseus*



ଏହାର ଚେର ଓ କାଣ୍ଡ ଉଚ୍ଚ ରକ୍ତଚାପର ନିରାକରଣ ପାଇଁ ଏବଂ ପତ୍ର ରକ୍ତକର୍କଟ ରୋଗର ଉପଶମ ପାଇଁ ବ୍ୟବହୃତ ହୋଇଥାଏ ।

### ଶତାବରୀ (Satabari) *Asparagus racimosus*



ଏହା ସ୍ମରଣଶକ୍ତି ବୃଦ୍ଧି, ବାତ ଜ୍ୱର, ମ୍ୟାଲେରିଆ, ଟାଇଫଏଡ୍, ଅର୍ଶ, ରକ୍ତଚାପ, ମୂତ୍ରାଶୟ ରୋଗ ଇତ୍ୟାଦି ଦୂର କରିବାରେ ସାହାଯ୍ୟ କରିଥାଏ ।

### ଅଁଳା (Amla) *Emblica officinalis*



ଅଁଳା ଫଳରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଛି । ଏହା ରକ୍ତହୀନତା ଓ କାମଳ ରୋଗରେ ବ୍ୟବହାର କରାଯାଏ । ଅଁଳା ବାତ, ପିତ ଓ କଫ ବିନାଶକାରୀ ଅଟେ । ଫଳ ବ୍ୟବୀତ ଏହାର ପତ୍ର, ଛେଲି, ମଞ୍ଜିରୁ ବିଭିନ୍ନ ଔଷଧ ପ୍ରସ୍ତୁତ ହୁଏ ।

### ଅଶ୍ୱଗନ୍ଧା (Aswagandha) *Withania somnifera*



ଏହା ସେବନ କଲେ କାଶ, ଶ୍ୱାସ, ବାତ, କଫ, ବ୍ରଣ, କୁଷ୍ଠ, ଜ୍ୱର ନିବାରଣ ହୋଇଥାଏ । ଏହା ମଧ୍ୟ ରକ୍ତଶୋଧକ ଓ ନପୁଂସକତା ନାଶକ ରୂପେ କାର୍ଯ୍ୟ କରିଥାଏ ।

### ଗୁଡ୍‌ମାରୀ (Gudmar) *Gymnemu sylvestre*



ଗୁଡ୍‌ମାରୀ ପତ୍ର ଜଣ୍ଡିସ୍, ଡାଇବେଟିସ୍, ଅର୍ଶ, କୃମି, କଫ, ଶ୍ୱାସ, କୋଷ୍ଠ କାଷ୍ଠିନ୍ୟ, ଜ୍ୱର ଓ ଅଲସର ତଥା ଆଖିର ଯନ୍ତ୍ରଣା ଆଦି ବ୍ୟାଧିର ନିରାକରଣ ପାଇଁ ବ୍ୟବହୃତ ହୋଇଥାଏ ।

### ଇସ୍‌ବ୍‌ଗୋଲ (Isubgul) *Plantago ovata*



ଏହା କୋଷ୍ଠ କାଠିନ୍ୟ, ଅର୍ଶ, ରକ୍ତାମାଶୟ ଏବଂ ବିଭିନ୍ନ ଝାଡ଼ା ରୋଗର ଉପଶମ ପାଇଁ ବ୍ୟବହୃତ ହୋଇଥାଏ । ଏତଦ୍ ବ୍ୟତୀତ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ, ଆଇସ୍‌କ୍ରିମ୍ ଏବଂ ଶୁଷ୍କ ଖାଦ୍ୟ ଉତ୍ପାଦନକାରୀ ଶିଳ୍ପରେ ଏହାର ବ୍ୟବହାର ରହିଛି ।

### ଭୂଇଁ ନିମ୍ବ (Bhuin Neem) *Andrographis paniculata*



ଏହା ବିଭିନ୍ନ ପ୍ରକାର ରୋଗ, ଡାଇବେଟିସ୍, କୃମି, ହୃଦରୋଗ, ଜ୍ୱର, ଜଣ୍ଡିସ୍, ରକ୍ତହୀନତା, ଅଜୀର୍ଣ୍ଣ, ଥଣ୍ଡା ପ୍ରଭୃତିର ଉପଶମ ପାଇଁ ବ୍ୟବହାର କରାଯାଏ ।

Printed at Asima Printers, Mob. 9437112089 / 9040012089

# ଔଷଧୀୟ ବୃକ୍ଷଲତା ଏବଂ ଏହାର ଉପକାରିତା



ଲେଖକ ଓ ସଂପାଦକ

ସୁମିତା ଆଚାର୍ଯ୍ୟ
ବିଷୟବସ୍ତୁ ବିଶେଷଜ୍ଞ (ଗୃହବିଜ୍ଞାନ)

ଡ. ଦେବବ୍ରତ ପାଣିଗ୍ରାହୀ
କାର୍ଯ୍ୟକ୍ରମ ସଂଯୋଜକ

ଦିବ୍ୟ ସୁନ୍ଦର କର
ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)

ICAR

କୃଷି ବିଜ୍ଞାନ କେନ୍ଦ୍ର
ଅନୁଗୁଳ





ଆମ୍ଭମାନଙ୍କ ଚତୁଃପାର୍ଶ୍ୱରେ ଉପଲବ୍ଧ ଅନେକ ବୃକ୍ଷଲତାର ଔଷଧୀୟ ଗୁଣ ବିଷୟରେ ଆମେମାନେ ଅଜ୍ଞ । ଉପଯୁକ୍ତ ସମୟରେ ସେଗୁଡ଼ିକର ଔଷଧୀୟ ଗୁଣକୁ ବ୍ୟବହାର କରି ଆମ୍ଭେମାନେ ଅନେକ ରୋଗରୁ ମୁକ୍ତି ପାଇପାରିବା । ଆସନ୍ତୁ କିଛି ବୃକ୍ଷଲତାର ଔଷଧୀୟ ଗୁଣ ବିଷୟରେ ଜାଣିବା । ଏଗୁଡ଼ିକ ମଧ୍ୟରୁ କିଛି ବୃକ୍ଷଲତାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରି ଲାଭବାନ ମଧ୍ୟ ହୋଇପାରିବା ।

### ଘି କୁଆଁରୀ (Aloe Vera) *Aloe barbadensis*



ଘିକୁଆଁରୀ ପତ୍ର ରସରେ ଥିବା ଆଲୋଇନ୍ ନାମକ ଗ୍ଲୁକୋସାଇଟ୍ ଚର୍ବିନାଶକ ଓ ମୃଦୁ ରେଚକ ରୂପେ କାର୍ଯ୍ୟ କରିଥାଏ । ଏହା ପୋଡ଼ା ଘା', କୋଷ୍ଠ କାଠିନ୍ୟ, ମୁଣ୍ଡ ବ୍ୟଥା, ଆମାଶୟ ବା ପେଟ କାଟି ନାଳଝାଡ଼ା, କୃମି, ମୁଖବ୍ରଣ ଇତ୍ୟାଦି ରୋଗର ଉପଶମ ପାଇଁ ବ୍ୟବହୃତ ହୋଇଥାଏ ।

### ତୁଳସୀ (Tulsi) *Ocimum sanctum*



ତୁଳସୀ ପତ୍ର ରସ କାଶ, କଫ, ବ୍ରୋଙ୍କାଇଟିସ୍, କୃମିଦୋଷ,ଦାନ୍ତବିନ୍ଧା, ପେଟ ଗୋଳମାଳ, ଚକ୍ଷୁରୋଗ, ଚର୍ମରୋଗ, ଉପଶମ କରିବା ସହିତ ସ୍ମରଣଶକ୍ତ ବୃଦ୍ଧି କରିଥାଏ ।

### ପୋଦିନା (Pudina) *Mentha arvensis*



ପୋଦିନା ପତ୍ର ଅଜୀର୍ଣ୍ଣ, ଲାଳଝାଡ଼ା, ପେଟକାଟିବା, ବାୟୁ ବିକାର ଓ କୃମି ରୋଗର ଉପଶମ କରିଥାଏ ।

### ବଚ (Bach) *Acorus calamus*




ବଚ ବାୟୁ ନାଶକ, ପିତ୍ତ ନାଶକ, କଫ ନିଷ୍କାସନ, ନିଦ୍ରାକାରକ, କ୍ଷୁଧାକାରକ ଓ ଆଣ୍ଠୁଗଣ୍ଠି ବ୍ୟାଥା ନିବାରକ ଭାବରେ କାର୍ଯ୍ୟ କରିଥାଏ । ଏହାକୁ ଧୂପ, ଅଗରବତୀ, ନିରାପଦକୀଟନାଶକ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଏ ।

### ଗୁଗୁଳ (Guggul) *Commifera mukul*



ଏହା ରକ୍ତରୁ କୋଲେଷ୍ଟ୍ରଲ କମାଇବାପାଇଁ ବ୍ୟବହୃତ ହୋଇଥାଏ । ଏତଦ୍‌ବ୍ୟତୀତ ଜଳାପୋଡ଼ା, ଘା' ଶୁଖାଇବା, ବଦହଜମି ଦୂର କରିବାରେ ସାହାଯ୍ୟ କରିଥାଏ ।

### ବ୍ରାହ୍ମୀ (Brahmi) *Bacopa monnieri*



ବ୍ରାହ୍ମୀ ସ୍ମରଣଶକ୍ତି ବୃଦ୍ଧି, ଶ୍ୱାସ ସମ୍ବନ୍ଧୀୟ ରୋଗ, ସନ୍ଧିବାତ ନିବାରଣ, ମସ୍ତିଷ୍କଜନିତ ରୋଗ ପାଇଁ ଔଷଧ ତିଆରିରେ ବ୍ୟବହାର କରାଯାଏ ।

### ପାତାଳଗରୁଡ଼ (Patal Garuda) *Rauvolfia serpentina*



ଏହା ଉଚ୍ଚରକ୍ତ ଚାପ ହ୍ରାସ କରିବା ସହିତ ମାନସିକ ରୋଗୀମାନଙ୍କର ଅବ୍ୟର୍ଥ ଔଷଧ ଅଟେ । ଆହୁରି ମଧ୍ୟ କୃମି, ପିତ୍ତ, ଚର୍ମରୋଗ, ଅର୍ଶ, ଜ୍ୱର, କୁଷ୍ଠ, ପୋଡ଼ା ଘା' ଏବଂ ରକ୍ତ ଅପରିଷ୍କାର ଜନିତ ରୋଗକୁ ଭଲ କରିଥାଏ ।

### ଭୂଇଁ ଅଁଳା (Bhuin Aonla) *Phyllanthus niruri*



ଏହା ଯକୃତ ସମ୍ବନ୍ଧୀୟ ରୋଗ ବ୍ୟତୀତ ମଧୁମେହ, ଆଖି ରୋଗ, ଚର୍ମ ରୋଗ ଓ ମୁଣ୍ଡ ସମ୍ବନ୍ଧୀୟ ରୋଗର ଉପଚାର ପାଇଁ ବ୍ୟବହାର କରାଯାଏ ।

### ପିପ୍ପଳୀ (Pippali) *Piper longum*



ଏହା ଗଣ୍ଠିବାତ, କଟି ବାତ, ପକ୍ଷାଘାତ ରୋଗ, ଜଣ୍ଡିସ, ହେପାଟାଇଟିସ୍ ଇତ୍ୟାଦି ରୋଗର ଉପଶମ ପାଇଁ ବ୍ୟବହାର କରାଯାଏ ।

